# ସାରୁ ମଧ୍ୟରେ ପନିପରିବା ଅନ୍ତଃଫସଲ ଚାଷ

## ଉପକ୍ରମ:

ସାରୁ ଗୋଟିଏ ମୁଖ୍ୟ କନ୍ଦ ଫସଲ, ଯାହାକି ପାହାଡ଼ିଆ ଡିପ ଜମି କିସମ ଠାରୁ ଜଳମଗ୍ନ ଅଞ୍ଚଳ ମଧ୍ୟରେ ଚାଷ କରାଯାଇପାରେ। ଏହାର ମୁଣ୍ଡା, ପୁଆ, ପାଣିପୁଆ ଏବଂ ପତ୍ର ନାଡ଼କୁ ଖାଦ୍ୟରୂପେ ବ୍ୟବହାର କରାଯାଏ। ଏଥିରେ ଶ୍ୱେତସାର, ପୁଷ୍ଟିସାର, ଫସ୍‌ଫରସ୍, ପୋଟାସିୟମ୍, କ୍ୟାଲ୍‌ସିୟମ, ମ୍ୟାଗ୍ନେସିୟମ, ଲୌହ ଏବଂ ଧାତବ ଲବଣ ପ୍ରଚୁର ପରିମାଣରେ ମହଜୁଦ୍ ଥାଏ। ସାରୁ ଫସଲ ଅନେକ ପ୍ରକାରର ଶିଳ୍ପାୟନରେ ବ୍ୟବହାର କରାଯାଏ, ଯଥା: ମୁହଁଲଗା ପାଉଡର, ଆୟୁର୍ବେଦିକ୍ ଔଷଧ ଇତ୍ୟାଦି।

ସାରୁ ଏକ ମୁଖ୍ୟ କନ୍ଦ ଫସଲ, ଯାହାକି ସାରା ଭାରତ ମଧ୍ୟରେ ଚାଷ କରାଯାଏ। ଆମ ଦେଶର ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା, ବିହାର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ ଆସାମ ସହିତ ସମସ୍ତ ଉତ୍ତରପୂର୍ବ ରାଜ୍ୟମାନଙ୍କରେ ଚାଷ କରାଯାଏ। ଉତ୍ତରପୂର୍ବ ରାଜ୍ୟମାନଙ୍କୁ ସାରୁ ଫସଲର ଉତ୍ପତ୍ତିସ୍ଥଳ ଭାବରେ ବିବେଚନା କରାଯାଏ। ଆମ ଓଡ଼ିଶାର ନୟାଗଡ଼, କଟକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାମାନଙ୍କରେ ସାରୁ ଫସଲ ପ୍ରଚୁର ପରିମାଣରେ ଚାଷ କରାଯାଏ।

## ଅନ୍ତଃଫସଲ:

ସାରୁ ଗୋଟିଏ ଅଧିକ ଅବଧିକାଳୀନ ଫସଲ, ଯାହାକି ୫ରୁ ୭ ମାସ ପର୍ଯ୍ୟନ୍ତ ଅମଳ ସମୟ ନେଇଥାଏ। ସେଥିପାଇଁ ଚାଷୀ ଏହାର ଉପଜ ପାଇବା ପାଇଁ ଅଧିକ ସମୟ ଅପେକ୍ଷା କରିବା ପାଇଁ ପଡ଼ିଥାଏ। ଯଦି ସାରୁ ଫସଲ ସାଙ୍ଗରେ କମ୍ ଅବଧି ଥିବା ପନିପରିବା ଫସଲକୁ ଅନ୍ତଃଫସଲ ହିସାବରେ ଚାଷ କରାଯାଏ ତେବେ ଏହା ଚାଷୀକୁ ଶୀଘ୍ର ଲାଭ ଦେବା ସଙ୍ଗେ ସଙ୍ଗେ ଜମିରୁ ଅଧିକ ଆୟ ମଧ୍ୟ ହୋଇଥାଏ। କିଛି ପରୀକ୍ଷା-ନିରୀକ୍ଷା ଦ୍ୱାର ଜଣାପଡ଼ିଛି ଯେ ସାରୁ ସଙ୍ଗେ ପନିପରିବା ଅନ୍ତଃଫସଲରୂପେ ଚାଷ କଲେ ଆୟ ଅଧିକ



### ସାରଣୀ: ସାରୁ ଚାଷ ସହ, ଭେଣ୍ଡି, ପରିବା ଝୁଡ଼ୁଙ୍ଗ ଏବଂ ଗୁଆଁର ଅନ୍ତଃଫସଲ ଭାବରେ ଚାଷକଲେ ଅମଳର ତୁଳନାତ୍ମକ ଅଧ୍ୟୟନ

| ଉପଚାର | ଚାଷରେ ଖର୍ଚ୍ଚ | ମୋଟ ଆୟ | ଲାଭ | ଅନୁପାତ |
|---|---|---|---|---|
| ସାରୁ | ୧୦୬୮୦୦ | ୨୩୬୩୦୦ | ୧୨୯୫୦୦ | ୨.୨୧ |
| ସାରୁ+ଭେଣ୍ଡି | ୧୨୨୪୦୦ | ୨୪୫୮୦୦ | ୧୨୩୫୦୦ | ୨.୦୧ |
| ସାରୁ + ପରିବା ଝୁଡ଼ୁଙ୍ଗ | ୧୨୪୦୦୦ | ୩୧୫୧୦୦ | ୧୯୧୧୦୦ | ୨.୫୪ |
| ସାରୁ + ଗୁଆଁର | ୧୨୦୪୦୦ | ୨୬୦୫୦୦ | ୧୪୦୧୦୦ | ୨.୧୬ |

ସାରୁ ମୁଣ୍ଡା ବଜାର ମୂଲ୍ୟ କିଗ୍ରା ପ୍ରତି ୧୦ ଟଙ୍କା, ସାରୁ ପୁଆ ବଜାର ମୂଲ୍ୟ କିଗ୍ରା ପ୍ରତି ୧୫ ଟଙ୍କା। ଭେଣ୍ଡି, ପରିବା ଝୁଡ଼ୁଙ୍ଗ, ଗୁଆଁରର ବଜାର ମୂଲ୍ୟ କିଗ୍ରା ପ୍ରତି ୧୫ ଟଙ୍କା।



ସାରାଂଶ: ଖାଲି ସାରୁ ଫସଲ ଅପେକ୍ଷା ସାରୁ ସାଥିରେ ଅଲଗା ପରିବା ଅନ୍ତଃଫସଲ (ସାରୁ+ଝୁଡ଼ୁଙ୍ଗ ଓ ସାରୁ + ଗୁଆଁର) ଅଧିକ ଅମଳ ସହିତ ଅଧିକ ସହ ଅମଳ ମଧ୍ୟ ହୋଇଥାଏ। ଏହା ଦ୍ୱାରା ଚାଷୀମାନଙ୍କର ଜୀବନ ଜୀବିକାରେ ମଧ୍ୟ ଉନ୍ନତି ହୋଇଥାଏ।


December 2024

Technical Folder: TF-11/2024/AICRPTC-ONEH
Saru madhyare panipariba antahphasala chasa



By
M. Nedunchezhiyan, K. Pati
V.B.S. Chauhan, K.H. Gowda
R. Arutselvan, S.K. Jata, J. Dixit
K. Laxminarayana



Published by
G. Byju
Director

भाकृअनुप-केन्द्रीय कंद फसल अनुसंधान संस्थान
(भारतीय कृषि अनुसंधान परिषद)
श्रीकार्यम, तिरुवनंतपुरम ६९५०१७, केरल, भारत
ICAR-Central Tuber Crops Research Institute
Sreekariyam, Thiruvananthapuram-695017, Kerala, India
Tel. No. : 91-(471)- 2598551 to 2598554; E-mail: director.ctcri@icar.gov.in, Website : https://www.ctcri.org
Printed at: Ankita Graphics, Bhubaneswar, Cell: 9437077337, saroj77337@gmail.com

ମିଳିଥାଏ । ଏଥିସହିତ ଫସଲର ଗୁଣବତ୍ତା, ଜମିକୁ ଅଧିକ ବିନିଯୋଗ କରିବା ସହ ପ୍ରାକୃତିକ ଉତ୍ସ ଯଥା: ଜଳ, ସୂର୍ଯ୍ୟାଲୋକରୁ ମିଳୁଥିବା ଖାଦ୍ୟକୁ ଉପଯୋଗ କରାଯାଇପାରେ । ଏତଦ୍ ବ୍ୟତୀତ ମୃତ୍ତିକା କ୍ଷୟ ଏବଂ ଘାସ ବୃଦ୍ଧି କମ୍ କରିଥାଏ ।



## ସାରୁ ମଧ୍ୟରେ ପନିପରିବା ଅନ୍ତଃଫସଲ:

ସାରୁ ଫସଲ ମଧ୍ୟରେ ମୁକ୍ତାକେଶୀ ସାରୁ ଓଡ଼ିଶାରେ ଅନେକ ଲୋକପ୍ରିୟ । ସାଧାରଣତଃ ଏହା ୬୦ x ୩୦ ସେମି ବ୍ୟବଧାନରେ ଲଗାଇ ଏହାର ଗଛରୁ ଗଛ ଦୂରତା ମଧ୍ୟରେ ଭେଣ୍ଡି (ଅର୍କ ଅନାମିକା କିସମ), ଝୁଡ଼ଙ୍ଗ (କାଶୀ କାଞ୍ଚନ କିସମ), ଗୁଆଁର (ଦିପ୍ତି କିସମ) ୧:୧ ଲଗାଇ ସାର ପରିମାଣ ୮୦:୬୦:୮୦ କିଗ୍ରା ପ୍ରତି ହେକ୍ଟର ଯବକ୍ଷାରଜାନ ଓ ଫସ୍‌ଫରସ୍ । ପଟାସ୍ ସାର ଭେଣ୍ଡିଫସଲରେ ପ୍ରୟୋଗ କରିବା । ସେହିପରି ସାରୁ + ଝୁଡ଼ଙ୍ଗ ଫସଲରେ ୧୬୦:୧୨୦:୧୬୦ ମାତ୍ରାରେ ଏବଂ ସାରୁ + ଗୁଆଁରରେ ୧୦୫:୧୧୦:୧୦୫ କିଗ୍ରା ପ୍ରତି ହେକ୍ଟର ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ସାରକୁ ଅଧା ପରିମାଣର ଯବକ୍ଷାରଜାନ ଏବଂ ସମସ୍ତ ପରିମାଣର ଫସ୍‌ଫରସ୍ ଓ ପଟାସ ସାରକୁ ଲଗାଇବା ସମୟରେ ଏବଂ ବାକି ଅଧା ଯବକ୍ଷାରଜାନ ସାରକୁ ଲଗାଇବାର ଏକ ମାସ ପରେ ପ୍ରୟୋଗ କରାଯାଏ ।



ଖାଲି ସାରୁ ଅପେକ୍ଷା ଭେଣ୍ଡି, ପରିବା ଝୁଡ଼ଙ୍ଗ ଓ ଗୁଆଁର ସାଙ୍ଗରେ ଭେଣ୍ଡି ଫସଲରେ ଅଧିକ ସହ ଅମଳ ଦେଇଥିଏ । ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ ସାରୁ + ପରିବା ଝୁଡ଼ଙ୍ଗ ସବୁଠାରୁ ଅଧିକ ସହ ଅମଳ ପରେ ସାରୁ + ଗୁଆଁର ଓ ସାରୁ + ଭେଣ୍ଡି ଅଧିକ ସହ ଅମଳ ହୋଇଥାଏ ।

**ସାରଣୀ: ଅନ୍ତଃଫସଲ ଦ୍ୱାରା ମିଳୁଥିବା ଅମଳ ଏବଂ ବିନା ଅନ୍ତଃଫସଲରୁ ମିଳୁଥିବା ଅମଳର ତୁଳନାତ୍ମକ ଅଧ୍ୟୟନ ।**

| ଉପଚାର | ମୁଣ୍ଡା ଅମଳ ଟନ୍/ହେକ୍ଟର | ପୁଆ ଅମଳ ଟନ୍/ହେକ୍ଟର | ଅନ୍ତଃଫସଲ ଅମଳ ଟନ୍/ହେକ୍ଟର | ପୁଆ ସହ ଅମଳ ଟନ୍/ହେକ୍ଟର |
|---|---|---|---|---|
| ସାରୁ | ୪.୭୮ | ୧୧.୯୯ | - | ୧୫.୧୮ |
| ସାରୁ+ଭେଣ୍ଡି | ୨.୨୮ | ୪.୦୪ | ୧୦.୦୭ | ୧୬.୨୩ |
| ସାରୁ + ପରିବା ଝୁଡ଼ଙ୍ଗ | ୪.୬୭ | ୭.୮୦ | ୯.୦୭ | ୨୦.୦୦ |
| ସାରୁ + ଗୁଆଁର | ୪.୦୭ | ୬.୨୩ | ୭.୭୯ | ୧୬.୯୦ |

ପରୀକ୍ଷାରୁ ପ୍ରମାଣିତ ହେଲାଯେ ସାରୁ ସାଙ୍ଗରେ ଏହି ତିନୋଟି ଅନ୍ତଃଫସଲ ମଧ୍ୟରେ ସାରୁ + ପରିବା ଝୁଡ଼ଙ୍ଗ ଫସଲଟି ଅଧିକ ଅମଳ ସଙ୍ଗେ ସଙ୍ଗେ ଅଧିକ ସହ ଅମଳ ମଧ୍ୟ ହୋଇଥାଏ । ଏଥିରୁ ପ୍ରମାଣିତ ହେଲା ଯେ ତୁଳନାତ୍ମକ ଲାଭ ହିସାବରେ ସାରୁ + ପରିବା ଝୁଡ଼ଙ୍ଗ ସବୁଠାରୁ ଅଧିକ ଆୟ ଅର୍ଥାତ୍ ପ୍ରଥମ ସ୍ଥାନ ପାଉଥିବା ସ୍ଥଳେ ସାରୁ + ଗୁଆଁର ଦ୍ୱିତିୟ ଏବଂ ସାରୁ + ଭେଣ୍ଡି ତୃତୀୟ ସ୍ଥାନରେ ରହିଥାଏ ଏବଂ ଖାଲି ସାରୁ ଚାଷ କଲେ ସବୁଠାରୁ କମ୍ ଲାଭ ମିଳିଥାଏ ।

